# Akashvani, Sambalpur

## SAMBALPURI NEWS MORNING BULLETIN

## 11 August 2026 - 6.47- 6.52 am.

---

ସ୍ୱାଧୀନତା ଦିବସ୍- ବନ୍ଦେ ମାତରମ       ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀର୍ ଲାଲ୍‌କିଲ୍ଲା ଠାନେ ଆଏବା ସ୍ୱାଧୀନତା ଦିବସ୍‌ଥି ବନ୍ଦେ ମାତରମ୍ ଗାନ କରାଯିବା । ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତ୍ତି ଅବ୍‌ସରେ ଜାତୀୟ ପତାକା ଉତୋଲନ୍ ସମିଆଥି ବନ୍ଦେ ମାତରମ୍ ଗୁଆଯିବା ବଲି ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍‌ଫୁ ବିଧିବଦ୍ଧ ସୂଚ୍‌ନା ଜାରି କରାଯାଇଛେ ।

ସଂସଦ୍         ଆର୍‌ଏନ୍‌ୟୁ/ କଟକ୍

ଟିକସ୍ ଧାର୍ଯ୍ୟ ଆଉ ଅଲ୍‌ଗା ଆଇନ୍ ସଂଶୋଧନ୍ ବିଲ୍ ୨୦୨୬ ରାଜ୍ୟସଭା ନ ପାରିତ୍ ହେବାର୍ ଉତ୍‌ରୁ ଗଲାକାଏଲ୍ ସଂସଦ୍‌ର ଅନୁମୋଦନ୍ ପାଇଛେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଗତ୍

କରିଥିବା ଇ ବିଲ୍ ଆଘୋନୁ ଲୋକ୍‌ସଭା ନ ପାରିତ୍ ହେଇଥିଲା । ଦେୟ ଆଉ ସମାଧାନ୍ ବ୍ୟବସ୍ଥା ଆଇନ୍ ୨୦୨୭ , ଆୟକର୍ ଆଇନ୍-୨୦୨୫ ଆଉ ଅର୍ଥ ଆଇନ୍ ୨୦୨୬ ଥି ସଂଶୋଧନ୍ କର୍‌ବାର୍‌ଟା ହେଉଛେ ଇ ବିଲ୍‌ର ଉଦ୍ଦେଶ୍ୟ ।

ରାଜ୍ୟପାଲ୍ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ ୟୁଆନ୍ ପିଢ଼ି ଜଲ୍‌ବାୟୁ ସହନଶୀଳତା ଆଉ ସବୁଜ ବିକାଶ୍‌ର ନେତୃତ୍ୱ ନେବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆହ୍ୱାନ୍ ଦେଇଛନ୍ । ଗଲାକାଏଲ୍ ଜଟ୍‌ନୀ ନ ଥିବା ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ନ ଆୟୋଜିତ୍ ଓଡ଼ିଶା କନ୍‌ଫରେନ୍ସ ଅଫ୍ ୟୁଥ୍‌ର ୪ ନମ୍ବର୍ ଖେପ୍‌କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ ଇଟା କହିଛନ୍ । ଜଲ୍‌ବାୟୁ ପରିବର୍ତନ୍ ଇହାଛିନ୍ ସମିଆର୍ ବାସ୍ତବିକତା ଆଏ ବଲି ରାଜ୍ୟପାଲ୍ ଉଲ୍ଲେଖ୍ କରିକରି କହିଛନ୍, ଗ୍ରୀଷ୍ମପ୍ରବାହ ଆଉ ନିୟମିତ୍ ବର୍ଷା, ବଏଢ଼୍, ବାତ୍ୟା, ସମୁଦ୍ରପତନ୍ ବଢ଼୍‌ବାର୍, ଚାଷ୍ ଆଉ ଜୀବିକାକେ ପ୍ରଭାବିତ୍ କରିଛେ । ବିପର୍ଯ୍ୟୟ

ପ୍ରସ୍ତୁତି ସହେତେ ଜଲ୍‌ବାୟୁ ସହନ୍‌ଶୀଲ୍ ସମୁଦାୟ ଗଠନ୍ ଉପ୍‌ରେ ଜୋର୍‌ଦେବାର୍‌କେ ସେ ପରାମର୍ଶ ଦେଇଛନ୍ ।

ଯୋଗାଣମନ୍ତ୍ରୀ ବୈଠକ୍        ଆଇ ଆଣ୍ଡ୍ ପି.ଆର୍

ଖରିଫ୍ ଋତୁ ୨୦୨୬ -୨୭ ଲାଗି ଧାନ୍ ଘିନା ପ୍ରକ୍ରିୟାଥି ସବୁ ଯୋଗ୍ୟ ଚାଷୀମାନ୍‌କୁ ସାମିଲ୍ କର୍‌ବାର୍ ଲକ୍ଷ୍ୟଥି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ଆବାସିକ୍ କାର୍ଯ୍ୟାଳୟ ନ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ୍, ଆଉ ବଲାଙ୍ଗିର୍ ଜିଲ୍ଲାର୍ ବିଧାୟକ୍‌ମାନେ ଯୋଗ୍ ଦେଇଥିଲେ । ଖରିଫ୍ ସମିଆଥି ଧାନ୍ ବିକ୍ରି ଲାଗି ପଞ୍ଜିକରଣ୍‌କେ ନେଇକରି ଚାଷୀମାନ୍‌କର୍ ଭିତ୍‌ରେ ଥିବା ସଂଶୟ ବାବ୍‌ଦେ ଆଲୋଚନା କରାଯାଇଥିଲା । ଏଗ୍ରିଷ୍ଟେକ୍ ପଞ୍ଜିକରଣ୍ ବାଧ୍ୟତାମୂଲକ୍ ନୁହେଁ ବଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ ।

(ଭଏସ୍ ଓଭର୍- କୃଷ୍ଣପାତ୍ର)

ବରିଷ୍ଠ ଆଇପିଏସ୍ ଅଧିକାରୀ ଏକ୍ସ

ରାଜ୍ୟ ସର୍କାର୍ ୨ ଝନ୍ ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜିବ ପଣ୍ଡା ଆଉ ଯଶୋବନ୍ତ ଜେଠିଆଙ୍କୁ ପୁଲିସ୍ ମହାନିର୍ଦ୍ଦେଶକ୍ ପାହ୍ୟାକେ ପଦୋନ୍ନତି ଦେଇଛନ୍ । ପଦୋନ୍ନତି ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ ।

ହର୍‌ଘର୍ ତ୍ରିରଙ୍ଗା କଲହାଣ୍ଡି/ହି.ସ.

ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଅବ୍‌ସରେ ଆଏଜ୍ କଲାହାଣ୍ଡି ଆଉ ବଲାଙ୍ଗିର୍ ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ଜିଲ୍ଲାର୍ ସବୁ ବ୍ଲକ୍, ସଦର୍ ମହକୁମା ଆଉ ପଂଚାୟତ୍‌ସ୍ତର୍ ନ ଶୋଭାଯାତ୍ରା, ଗଣଦୌଡ଼ ଆଉ ଚିତ୍ରାଙ୍କନ୍ ପ୍ରଦର୍ଶନୀର୍ ଆୟୋଜନ୍ କରାଯାଉଛେ ।

ଜଲ୍‌ସମ୍ପଦ୍ ବିଭାଗ୍‌ର ପ୍ରମୁଖ ସଚିବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ବିକାଶ୍, ପର୍ଯ୍ୟଟନ୍‌ର ଅଭିବୃଦ୍ଧି, ମହାନଦୀର୍ ସୌନ୍ଦର୍ଯ୍ୟୀକରଣ୍ ଲକ୍ଷ୍ୟଥି ପ୍ରସ୍ତାବିତ୍ ୬ ଶହ ୨୮ କୋଟିନୁ ଅଏତ୍‌କା ଟଙ୍କାର୍ ନୂଆଁ ବରେଜ୍ ଆଉ ରିଭର୍‌ଫ୍ରଂଟ୍ ପ୍ରକଳ୍ପର୍ ବିସ୍ତୃତ୍ ସମୀକ୍ଷା କରାଯାଇଛେ । ଜଲ୍‌ସମ୍ପଦ୍ ବିଭାଗ୍‌ର ପ୍ରମୁଖ ସଚିବ ଶୁଭା ଶର୍ମା ୨ ଦିନିଆ ସମ୍ବଲପୁର୍ ଗସ୍ତଥି ଆସିକରି ମହାନଦୀ ଅଯୋଧ୍ୟା ସରୋବର୍ ଆଉ ତାର୍ ପାଶେ ତିଆର୍ ହେବାର୍‌କେ ଥିବା ବେରେଜ୍ ଆଉ ରିଭର୍‌ଫ୍ରଂଟ୍ ପ୍ରକଳ୍ପର୍ ଅନୁଧ୍ୟାନ୍ କରିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଇ ଉନ୍ନୟନ୍ ପ୍ରକଳ୍ପ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍, ସଚିବଙ୍କର୍ ଗସ୍ତ ସମିଆଥି ପ୍ରକଳ୍ପର୍ ଭିନ୍ ଭିନ୍ କାମ୍‌ର ଅଗ୍ରଗତିର୍ ସମୀକ୍ଷା କରାଯାଇଛେ ।

## ସାଇବର୍ ସଚେତନତା କାର୍ଯ୍ୟକ୍ରମ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ଦିନୁ ଦିନ୍‌କେ ବଢୁଥିବା ସାଇବର୍ ଅପରାଧ୍ ଆଉ ଅନ୍‌ଲାଇନ୍ ଠକେଇକେ ଅଟ୍‌କାବାର୍ ସହେତେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ପୁଲିସ୍ ତର୍‌ଫୁ ଡୁଙ୍ଗୁରିପାଲି ଆଉ ରାମ୍‌ପୁର୍ ଥାନା ତର୍‌ଫୁ ଗୁଟେ ସାଇବର୍ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜିତ୍

ହେଇଯାଇଛେ । ଇ ଅବ୍‌ସରେ ଡିଜିଟାଲ୍ ଆରେଷ୍ଟ, ଫେକ୍ କଷ୍ଟମର୍ କେୟାର୍, ଅନ୍‌ଲାଇନ୍ ଚାକିରୀ ଠକେଇ, ନକ୍‌ଲି ସୋସିଆଲ୍ ମିଡ଼ିଆ ଏକାଉଂଟ୍, ଫିସିଙ୍ଗ୍ ଲିଙ୍କ୍ ଆଉ ୟୁପିଆଇ ଠକେଇ ବାଗିର୍ ଅପରାଧ୍ ବାବ୍‌ଦେ ଉଦାହରଣ୍ ଦେଇକରି ବୁଝାଯାଇଥିଲା ।

ରାଜା ଅନୁପ୍ ସିଂହଦେଓ ଫୁଟ୍‌ବଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ଖେଲ୍‌ପଡ଼ିଆ ନ ଚାଲିଥିବା ୧୭ ନମ୍ବର୍ ରାଜା ଅନୁପ୍ ସିଂହଦେଓ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ୩ ନମ୍ବର୍ ମେଚ୍ ବଲାଙ୍ଗିର୍ ଜିଲ୍ଲା ଜାମଖୁଂଟା ଆଉ ମଣ୍ଡଲ୍ ଭିତ୍‌ରେ ଖେଲାଯାଇଥିଲା । ଗଲାକାଲିର୍ ମେଚ୍‌ଥି ଜାମ୍‌ଖୁଂଟା ଦଲ୍ ମଣ୍ଡଲ୍ ଦଲ୍‌କେ ୨-ଶୂନ୍ ଗୋଲ୍‌ଥି ହରେଇକରି ଆଏବା ୧୩ ତାରିଖ୍ ହେବାର୍‌କେ ଥିବା ୨ ନମ୍ବର୍ ସେମିଫାଇନାଲ୍ ମେଚ୍‌କେ ଉନ୍ନୀତ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ତାର୍ ଆଖର୍ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ହେଇଛେ । ଇଟା ସମୁଦ୍ରପତନ୍ନୁ ପାଖାପାଖ୍ ୭ ଦଶ୍ମିକ୍ ୬ କିଲୋମିଟର୍ ତକ୍ ଚାପିଛେ । ଇତାର୍ ପ୍ରଭାବ୍ଥି ଆଏବା କାଏଲ୍ତକ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶକ୍ ଡକ୍ଟର୍ ମନୋରମା ମହାନ୍ତି କହିଛନ୍ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି, ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଖାପାଖ୍ ସବୁ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।
ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୩ ଦଶ୍ମିକ୍ ୮/୯ ଫୁଟ୍ ରହିଛେ । ଇହାଦେ ୧୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୨ ଲାଖ୍ ୧୫ ହଜାର୍ ୫ ଶହ ୬୪ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୩୧ ହଜାର୍ ୬ ଶହ ୧୩ ଘନଫୁଟ୍ ପାଏନ୍ ଆସୁଛେ ।